ସୂର୍ଯ୍ୟପ୍ରଭା
SURYAPRAVA

03rd Mar, 2021

# ଆଇଆଇଟିରେ ଜାତୀୟ ବିଜ୍ଞାନ ଦିବସ



॥ ପ୍ରଭାନ୍ୟୁଜ୍ ॥ କଟଣୀ, ୨।୩ : ଭାରତୀୟ ପ୍ରଦ୍ୟୋଗିକ ସଂସ୍ଥାନ ଭୁବନେଶ୍ୱରରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି । ନିର୍ଦ୍ଦେଶକ ପ୍ରଫେସର ଆର.ଭି. ରାଜକୁମାରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ପ୍ରଫେସର ଅଶୋକ କୁମାର ମହାପାତ୍ର, ପୂର୍ବତନ ନିର୍ଦ୍ଦେଶକ, ଏଆଇଏମ୍ଏସ୍ ଭୁବନେଶ୍ୱର ଏବଂ ସୋଆ ବିଶ୍ୱବିଦ୍ୟାଳୟ କୁଳପତି ଯୋଗ ଦେଇଥିଲେ । ପ୍ରଫେସର ରାଜକୁମାର ତାଙ୍କ ଅଭିଭାଷଣରେ ମାନବ ଜୀବନକୁ ଉନ୍ନତ କରିବାରେ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ଅବଦାନ ତଥା ଅଧିକ ଅନୁସନ୍ଧାନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ପ୍ରଫେସର ଅଶୋକ କୁମାର ମହାପାତ୍ର ଡାକ୍ତରୀ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ଅନେକ ଜଟିଳ ଦିଗ ବିଷୟରେ ତଥା ଦୈନନ୍ଦିନ ଜୀବନର ଉଦାହରଣ ଦେଇ ବିଜ୍ଞାନ କିପରି ଏକ ଭଲ ଭବିଷ୍ୟତ ପାଇଁ ଜୀବନକୁ ପରିବର୍ତ୍ତନ କରିବାରେ ସକ୍ଷମ ହୋଇଛି ସେ ସମ୍ବନ୍ଧରେ ଗୌରବମୟ ବାର୍ତ୍ତା ଦେଇ ଦର୍ଶକଙ୍କୁ ପ୍ରେରଣା ଦେଇଥିଲେ । କାର୍ଯ୍ୟକ୍ରମରେ ଆର୍‌କେ ପଣ୍ଡା ଡିନ୍ ଆଲୁମିନି ଆଫେୟାର୍ସ ଏବଂ ଆନ୍ତର୍ଜାତୀୟ ସମ୍ପର୍କ, ଡକ୍ଟର ପି ଆର ସାହୁ, ଡିନ୍ ଏକାଡେମିକ୍ ଆଫେୟାର୍ସ ଏବଂ ରେଜିଷ୍ଟ୍ରର୍ କର୍ନେଲ ସୁବୋଧ କୁମାରଙ୍କ ସମେତ ଆଇଆଇଟିର ଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।